ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ

OSDMA

# ସମ୍ବାଦ ପତ୍ରିକା

ବର୍ଷ-୧ | ସଂଖ୍ୟା-୫ | ଅଗଷ୍ଟ-୨୦୧୯ | ପୃଷ୍ଠା-୮

## ପରିଚାଳନା ନିର୍ଦ୍ଦେଶକଙ୍କ କଲମରୁ...



ଶ୍ରୀଯୁକ୍ତ ପ୍ରଦୀପ କୁମାର ଜେନା, ଭା.ପ୍ର.ସେ.,
ପ୍ରମୁଖ ଶାସନ ସଚିବ (ବିପର୍ଯ୍ୟୟ ପରିଚାଳନା), ସ୍ୱତନ୍ତ୍ର ସାହାଯ୍ୟ ଆୟୁକ୍ତ ଓ ପରିଚାଳନା ନିର୍ଦ୍ଦେଶକ, ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ

ପ୍ରଦୂଷଣ ଦ୍ୱାରା ପ୍ରଭାବିତ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଫଳରେ ଯେ କୌଣସି ସମୟରେ ମଣିଷ ସମାଜ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥାଏ। ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟ ଆମ ରାଜ୍ୟର ପ୍ରଗତିରେ ପ୍ରତିବନ୍ଧକ ସୃଷ୍ଟି କରିଥାଏ। ସଂପ୍ରତି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ନିମନ୍ତେ ଆଧୁନିକ ବୈଷୟିକ ଜ୍ଞାନକୌଶଳର ସଦୁପଯୋଗ, ପ୍ରାକ୍ ପ୍ରସ୍ତୁତି, ବିଭିନ୍ନ ଯୋଜନାର ତ୍ୱରିତ କାର୍ଯ୍ୟାନ୍ୱୟନ ଓ ସଚେତନତା ଆଦିର ଗୁରୁତ୍ୱକୁ ଉପଲବ୍ଧି କରିବା ଏକାନ୍ତଜରୁରୀ। ଅତୀତର ବିପର୍ଯ୍ୟୟରୁ ମିଳିଥିବା ଶିକ୍ଷାକୁ ଆଗାମୀ ଦିନରେ ସଠିକ୍ ଶୈଳୀରେ ପ୍ରୟୋଗ କରାଯିବା ସହ ବିଭିନ୍ନ ବର୍ଗର ଆବଶ୍ୟକତାକୁ ପୂରଣ କରିବାର ପ୍ରୟାସ ଜାରି ରଖିଛି ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ। ଫଳସ୍ୱରୂପ, କିଛି ଦିନ ତଳେ ଓଡ଼ିଶା ସମ୍ମୁଖୀନ ହୋଇଥିବା ବାତ୍ୟା 'ଫନି' ବିପର୍ଯ୍ୟୟର ସଫଳ ମୁକାବିଲା କରି କେବଳ ଦେଶରେ ନୁହେଁ ବରଂ ବିଭିନ୍ନ ବିଦେଶୀ ରାଷ୍ଟ୍ରରୁ ଉଚ୍ଚ ପ୍ରଶଂସିତ ହୋଇ ଏକ ଉଦାହରଣ ସୃଷ୍ଟି କରିଛି ଓଏସ୍‌ଡିଏମ୍‌ଏ। ବହୁ ଘାତପ୍ରତିଘାତ ସତ୍ତ୍ୱେ ସରକାରୀ ବିଭାଗ, ବେସରକାରୀ ଅନୁଷ୍ଠାନ ଓ ଜନସାଧାରଣଙ୍କ ସହଯୋଗରେ କାର୍ଯ୍ୟକରି ଲକ୍ଷ୍ୟସ୍ଥଳରେ ପହଞ୍ଚିବାର ଅହେତୁକ ପ୍ରୟାସ ଜାରି ରଖିଛି ବିପର୍ଯ୍ୟୟ ପରିଚାଳନା ବିଭାଗ।




## ବାତ୍ୟା 'ଫନି' ଦ୍ୱାରା କ୍ଷୟକ୍ଷତି ଆକଳନ, ଆବଶ୍ୟକ ମୂଲ୍ୟ ନିର୍ଦ୍ଧାରଣ ସମ୍ବଳିତ ପୁସ୍ତକ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉନ୍ମୋଚିତ

ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ କରକମଳରେ ତା.୦୬.୦୮.୨୦୧୯ରିଖ ଦିନ ଲୋକସେବା ଭବନ ସ୍ଥିତ ତୃତୀୟ ମହଲା ସଭାଗୃହରେ ବାତ୍ୟା 'ଫନି'ରେ ହୋଇଥିବା କ୍ଷୟକ୍ଷତି ଆକଳନ ଓ ଏହାର ଭରଣା କରିବା ପାଇଁ ଆବଶ୍ୟକ ସହଯୋଗ ନିମନ୍ତେ ଏକ ବିବରଣୀ ପୁସ୍ତକ ଉନ୍ମୋଚିତ ହୋଇଥିଲା। ଏହି ଉନ୍ମୋଚନ କାର୍ଯ୍ୟକ୍ରମରେ ମିଳିତ ଜାତିସଂଘର ସଂଯୋଜିକା Ms. Renata Lok-Dessallienat, ଓଡ଼ିଶାର ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର ଏବଂ ବିଭିନ୍ନ ବିଭାଗୀୟ ଶାସନ ସଚିବମାନେ ଉପସ୍ଥିତ ଥିଲେ। ଏତଦ୍‌ବ୍ୟତୀତ ଏହି କାର୍ଯ୍ୟକ୍ରମରେ ବିଶ୍ୱ ବ୍ୟାଙ୍କ ଓ ଏସୀୟାନ ଡେଭଲପ୍‌ମେଣ୍ଟ ବ୍ୟାଙ୍କର ପ୍ରତିନିଧି, ସ୍ୱତନ୍ତ୍ର ରିଲିଫ୍ କମିଶନର ଏବଂ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟର ଅଧିକାରୀମାନେ ଯୋଗ ଦେଇଥିଲେ। ଏହି ଲୋକାର୍ପିତ କାର୍ଯ୍ୟକ୍ରମରେ ବାତ୍ୟା 'ଫନି' ରେ ହୋଇଥିବା କ୍ଷୟକ୍ଷତି ସମ୍ବନ୍ଧୀୟ ସମୀକ୍ଷା କରାଯିବା ସହ ସଠିକ୍ ପରିଚାଳନା ତଥା ପରବର୍ତ୍ତୀ କ୍ଷୟକ୍ଷତିର ଭରଣା ପାଇଁ ଓଡ଼ିଶା ସରକାରଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପକୁ ମିଳିତ ଜାତିସଂଘର ସଂଯୋଜିକା Ms. Renata Lok-Dessallienat ଉଚ୍ଚ ପ୍ରଶଂସିତ କରିଥିଲେ।

## ସୂଚୀପତ୍ର


୧. ବାତ୍ୟା 'ଫନି' ଦ୍ୱାରା କ୍ଷୟକ୍ଷତି ଆକଳନ, ଆବଶ୍ୟକ ମୂଲ୍ୟ ନିର୍ଦ୍ଧାରଣ ସମ୍ବଳିତ ପୁସ୍ତକ: ପୃ-୧
୨. ଓ.ଏସ୍.ଡି.ଏମ୍.ଏ.ରେ ଖୋଲିବ ଭିନ୍ନକ୍ଷମଙ୍କ ପାଇଁ ସ୍ୱତନ୍ତ୍ର କକ୍ଷ: ପୃ-୨
୩. ଓ.ଏସ୍.ଡି.ଏମ୍.ଏ. ସଭାଗୃହରେ "୫ ଟି" ସଂପର୍କରେ ବୈଠକ: ପୃ-୨
୪. ବାତ୍ୟା 'ଫନି' ପରିଚାଳନାରୁ ମିଳିଥିବା ଶିକ୍ଷାକୁ ପାଥେୟ କରି ଅଗ୍ରସର ହେବା: ପୃ-୩
୫. ବିପର୍ଯ୍ୟୟ ପ୍ରସ୍ତୁତି ଓ ପରିଚାଳନା ନିମନ୍ତେ ରେଡକ୍ରସ ପ୍ରଶିକ୍ଷକଙ୍କ ପ୍ରଶିକ୍ଷଣ ଶିବିର: ପୃ-୩
୬. ବିପର୍ଯ୍ୟୟ ପରିଚାଳନା ତାଲିମ୍ କେନ୍ଦ୍ରରେ ଅନୁଷ୍ଠିତ ତାଲିମ୍ କାର୍ଯ୍ୟକ୍ରମ: ପୃ-୪
୭. ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀ ପରିଚାଳନା ଓ ରକ୍ଷଣାବେକ୍ଷଣ ସମିତିର ମାସିକ ବୈଠକ: ପୃ-୫
୮. ଗ୍ରାମ୍ୟସ୍ତରରେ ବିପର୍ଯ୍ୟୟ ପରିଚାଳନା ଯୋଜନା ପ୍ରସ୍ତୁତି କର୍ମଶାଳା: ପୃ-୫
୯. ଶିଶୁ କୈନ୍ଦ୍ରିକ ବିପର୍ଯ୍ୟୟ ହ୍ରାସ ନିମନ୍ତେ ତାଲିମ୍ କାର୍ଯ୍ୟକ୍ରମ: ପୃ-୬
୧୦. ବିପତ୍ତି ହ୍ରାସ ଏବଂ ଜଳବାୟୁ ପରିବର୍ତ୍ତନକୁ ବିକାଶ ଯୋଜନାର ମୁଖ୍ୟ ସ୍ରୋତରେ ସାମିଲ ପାଇଁ କର୍ମଶାଳା: ପୃ-୬
୧୧. ବିଶ୍ୱ ବ୍ୟାଙ୍କ ଓ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଅଧିକାରୀଙ୍କ ସ୍ୱତନ୍ତ୍ର ସାହାଯ୍ୟ ଆୟୁକ୍ତ କାର୍ଯ୍ୟାଳୟ ପରିଦର୍ଶନ: ପୃ-୭
୧୨. ବ୍ୟାଙ୍କକ୍‌ରେ ଶୁଣାଗଲା ଓଡ଼ିଶା ବିପର୍ଯ୍ୟୟ ମୁକାବିଲାର ସଫଳ କାହାଣୀ: ପୃ-୭
୧୩. ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କୁ ସମ୍ମାନିତ କରାଗଲା 'ଟେକ୍ନୋଲୋଜି ସଭା' ସମ୍ମାନ: ପୃ-୮



### ମୁଖ୍ୟ ସମ୍ପାଦକ

**ଶ୍ରୀଯୁକ୍ତ ପ୍ରଦୀପ କୁମାର ଜେନା, ଭା.ପ୍ର.ସେ.,**
ପ୍ରମୁଖ ଶାସନ ସଚିବ (ବିପର୍ଯ୍ୟୟ ପରିଚାଳନା),
ସ୍ୱତନ୍ତ୍ର ସାହାଯ୍ୟ ଆୟୁକ୍ତ ଓ ପରିଚାଳନା ନିର୍ଦ୍ଦେଶକ,
ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ

# ଓ.ଏସ୍.ଡି.ଏମ୍.ଏ. ରେ ଖୋଲିବ ଭିନ୍ନକ୍ଷମଙ୍କ ପାଇଁ ସ୍ୱତନ୍ତ୍ର କକ୍ଷ



ବିପର୍ଯ୍ୟୟ ସମୟରେ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କର ବିଶେଷ ଆବଶ୍ୟକତାକୁ ଦୃଷ୍ଟିରେ ରଖି, ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟରେ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଇଁ ଏକ ସ୍ୱତନ୍ତ୍ର କକ୍ଷ ଖୋଲାଯିବ।

ଏହି ପରିପ୍ରେକ୍ଷୀରେ ଗତ ତା.୨୦.୦୮.୨୦୧୯ରିଖିରେ ଓ.ଏସ୍.ଡି.ଏମ୍.ଏ. ର ସଭାଗୃହରେ ପରିଚାଳନା ନିର୍ଦ୍ଦେଶକ, ଶ୍ରୀଯୁକ୍ତ ବିଷ୍ଣୁପଦ ସେଠୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ବୈଠକରେ ଓ.ଏସ୍.ଡି.ଏମ୍.ଏ. ର ପଦାଧିକାରୀ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ପଦାଧିକାରୀ ତଥା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏସ୍.ଏମ୍.ଆର.ସି ଓ ସ୍ୱାଭିମାନର କର୍ମକର୍ତ୍ତାମାନେ ଅଂଶଗ୍ରହଣ କରିଥିଲେ।

ବିପର୍ଯ୍ୟୟ ସମୟରେ ଉଦ୍ଧାର କାର୍ଯ୍ୟ ଠାରୁ ଆରମ୍ଭ କରି ପୁନଃଥଇଥାନ ପର୍ଯ୍ୟନ୍ତ ସମସ୍ତ ପର୍ଯ୍ୟାୟରେ ଭିନ୍ନକ୍ଷମମାନଙ୍କର ସ୍ୱତନ୍ତ୍ର ଆବଶ୍ୟକତାକୁ ପ୍ରାଧାନ୍ୟ ଦେବା ହିଁ ଏହି ସ୍ୱତନ୍ତ୍ର କକ୍ଷର ପ୍ରାଥମିକତା ରହିବ। ଏହି କକ୍ଷଟି ଉଭୟ ସରକାରୀ ବିଭାଗ ଓ ବେସରକାରୀ ସଂସ୍ଥାମାନଙ୍କ ସହିତ ଯୋଗାଯୋଗ ରଖି ପଞ୍ଚାୟତସ୍ତର ଠାରୁ ରାଜ୍ୟସ୍ତର ପର୍ଯ୍ୟନ୍ତ ସମସ୍ତ ଭିନ୍ନକ୍ଷମ ବ୍ୟକ୍ତି ଏବଂ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ସ୍ୱତନ୍ତ୍ର ବିଦ୍ୟାଳୟ ଓ ଅନୁଷ୍ଠାନମାନଙ୍କର ତାଲିକା ପ୍ରସ୍ତୁତି କରିବା ସହ କାର୍ଯ୍ୟ ଯୋଜନା ମଧ୍ୟ ପ୍ରସ୍ତୁତ କରିବ। ଉଦ୍ଧାର ଏବଂ ରିଲିଫ୍ କାର୍ଯ୍ୟ ସମୟରେ ଭିନ୍ନକ୍ଷମ ବ୍ୟକ୍ତିଙ୍କର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସ୍ୱେଚ୍ଛାସେବୀ, ଓଡ୍ରାଫ୍ ଦଳ ଏବଂ ଅନ୍ୟାନ୍ୟ ଉଦ୍ଧାରକାରୀ ଦଳଙ୍କୁ ତାଲିମ୍ ପ୍ରଦାନ କରାଯିବା ଏହି କକ୍ଷର ପ୍ରମୁଖ କାର୍ଯ୍ୟ ରହିବ। ଭିନ୍ନକ୍ଷମ ବ୍ୟକ୍ତିଙ୍କ ସହିତ ବୟସ୍କ ବ୍ୟକ୍ତିମାନଙ୍କର ଆବଶ୍ୟକତାକୁ ପୂରଣ କରିବା ଏହି କକ୍ଷର ଅନ୍ୟ ଉଦ୍ଦେଶ୍ୟ ରହିବ। ଏହା ସହିତ ବହୁମୁଖୀ ବାତ୍ୟା / ବନ୍ୟା ଆଶ୍ରୟସ୍ଥଳୀଗୁଡ଼ିକରେ ଭିନ୍ନକ୍ଷମମାନଙ୍କର ଆବଶ୍ୟକତାକୁ ପୂରଣ କରାଯିବା ଏହାର ଆଉ ଏକ ମୁଖ୍ୟ ଉଦ୍ଦେଶ୍ୟ ରହିବ।

# ଓ.ଏସ୍.ଡି.ଏମ୍.ଏ. ସଭାଗୃହରେ "୫ ଟି" ସଂପର୍କରେ ବୈଠକ



ସରକାରଙ୍କର ୫ଟି ଆଭିମୁଖ୍ୟ ଓ ଲକ୍ଷ୍ୟକୁ ସାକାର କରିବା ପାଇଁ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ର ସଭାଗୃହରେ ତା.୨୪.୦୮.୨୦୧୯ରିଖରେ ପରିଚାଳନା ନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ବୈଠକରେ ସ୍ୱତନ୍ତ୍ର ସାହାଯ୍ୟ ଆୟୁକ୍ତ ଏବଂ ଓଏସ୍‌ଡିଏମଏର ଅଧିକାରୀମାନେ ଯୋଗଦେଇ ୫ଟି କୁ ଆଧାର କରି ବିଭିନ୍ନ କାର୍ଯ୍ୟର ଅଗ୍ରଗତି ସଂପର୍କରେ ଆଲୋଚନା ଓ ସମୀକ୍ଷା କରିଥିଲେ। ଉକ୍ତ ବୈଠକରେ ଏକତ୍ର ହୋଇ ସଂଘବଦ୍ଧ ଭାବେ ସ୍ୱଚ୍ଛତାର ସହ ବୈଷୟିକ ଜ୍ଞାନକୌଶଳର ବ୍ୟବହାର କରି ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ କାର୍ଯ୍ୟକୁ ସଠିକ୍ ରୂପାନ୍ତରଣ କରି ଫଳପ୍ରସୂ କରିବା ଏବଂ ସଫଳତାର ଶୀର୍ଷ ସ୍ଥାନରେ ପହଞ୍ଚାଇବା ପାଇଁ ଆଲୋଚନା କରାଯାଇଥିଲା। ବୈଠକରେ ଉପସ୍ଥିତ ଅଧିକାରୀ ବୃନ୍ଦ ସମସ୍ତ କାର୍ଯ୍ୟକୁ ସଠିକ୍ ଭାବରେ ପରିଚାଳନା କରିବା ପାଇଁ ସହମତି ପ୍ରକାଶ କରିଥିଲେ।

# ବାତ୍ୟା 'ଫନି' ପରିଚାଳନାରୁ ମିଳିଥିବା ଶିକ୍ଷାକୁ ପାଥେୟ କରି ଅଗ୍ରସର ହେବା

ବାତ୍ୟା 'ଫନି' ପରିଚାଳନାରୁ ମିଳିଥିବା ଶିକ୍ଷାକୁ ପାଥେୟ କରି ନେସନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଡିଜାଷ୍ଟର ମ୍ୟାନେଜମେଣ୍ଟ (ଏନ୍.ଆଇ.ଡି.ଏମ୍) ସହାୟତାରେ ତା. ୨୬.୦୮.୨୦୧୯ ରିଖ ଠାରୁ ତା.୨୮.୦୮.୨୦୧୯ରିଖ ପର୍ଯ୍ୟନ୍ତ ଏକ ତିନି ଦିନିଆ ରାଜ୍ୟସ୍ତରୀୟ କର୍ମଶାଳା ଭୁବନେଶ୍ୱରସ୍ଥିତ ହୋଟେଲ ଏଚ୍.ଏଚ୍.ଆଇ.ରେ ଅନୁଷ୍ଠିତ ହୋଇଥିଲା। ଅତି ଭୟଙ୍କର ବାତ୍ୟା 'ଫନି'ର ସଫଳ ପରିଚାଳନା ଓ ପଦକ୍ଷେପ ସମ୍ବନ୍ଧରେ ଏକ ନଥି ପ୍ରସ୍ତୁତ (ଡକ୍ୟୁମେଣ୍ଟ) କରି ଦେଶ



ତା.୨୬.୦୮.୨୦୧୯ରିଖ, ଉଦ୍‌ଘାଟନୀ ଉତ୍ସବ

ଓ ବିଦେଶରେ ଉପସ୍ଥାପନ କରାଇବା ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଅଂଶଗ୍ରହଣକାରୀମାନେ ପୂର୍ବ ପ୍ରଦତ୍ତ ବିଷୟକୁ ନେଇ ପାୱାର ପଏଣ୍ଟ ପ୍ରଦର୍ଶନ କରିଥିଲେ।

ଏହି କର୍ମଶାଳାରେ ପ୍ରଥମ ଦିବସରେ ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗର ଅଧିକାରୀ, ଏନ୍.ଆଇ.ଡି.ଏମ୍., ଏସ୍.ଆର୍.ସି ଏବଂ ଓ.ଏସ୍.ଡି.ଏମ୍.ଏ. ର ଅଧିକାରୀମାନେ ଯୋଗଦେଇ ବିଭିନ୍ନ ବିଭାଗର ପ୍ରସ୍ତୁତି, ଦାୟିତ୍ୱବୋଧତା ଓ ବାତ୍ୟାରୁ ମିଳିଥିବା ଶିକ୍ଷାକୁ ପାଥେୟ କରି କିଭଳି ଆଗକୁ ବଢିବା ସେ ସଂପର୍କରେ ଆଲୋଚନା କରାଯାଇ ବିଭିନ୍ନ ସିଦ୍ଧାନ୍ତମାନ ଗ୍ରହଣ କରିଥିଲେ।

କର୍ମଶାଳାର ଦ୍ୱିତୀୟ ଦିବସରେ 'ଫନି' ପ୍ରଭାବିତ ଜିଲ୍ଲାମାନଙ୍କର ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ, ଜିଲ୍ଲା ପ୍ରକଳ୍ପ ଅଧିକାରୀ ତଥା ଓଡ୍ରାଫ୍, ଏନ୍‌ଡିଆର୍‌ଏଫ୍, ଓଡ଼ିଶା ଅଗ୍ନିଶମ ବିଭାଗ, ସିଭିଲ୍ ଡିଫେନ୍ସ, ଓଏସ୍‌ଡିଏମ୍‌ଏ ଏବଂ ଏନ୍‌ଆଇଡିଏମ୍‌ର ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ।


ତା.୨୭.୦୮.୨୦୧୯ରିଖ

କର୍ମଶାଳାର ତୃତୀୟ ଦିବସରେ ବିଭିନ୍ନ ସାମାଜିକ ସଂଗଠନ, ବେସରକାରୀ ସଂଗଠନ, ଆନ୍ତର୍ଜାତୀୟ ସଂସ୍ଥା, ଇଣ୍ଟର ଏଜେନ୍ସି ଗ୍ରୁପର ପ୍ରତିନିଧିମାନେ ଏହି କର୍ମଶାଳାରେ ଯୋଗ ଦେଇ ସୁଚିନ୍ତିତ ଓ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ।

ଏହି ତିନି ଦିନିଆ କର୍ମଶାଳାରେ 'ଫନି' ପରିଚାଳନାର ଅନୁଭୂତି ସମ୍ବନ୍ଧରେ ଉପସ୍ଥିତ ସଦସ୍ୟମାନେ ବିଭିନ୍ନ ତଥ୍ୟ ପ୍ରଦାନ କରିବା ସହ ପ୍ରତିଷେଧମୂଳକ କାର୍ଯ୍ୟପନ୍ଥା ଉପରେ ଆଲୋକପାତ କରିଥିଲେ।

## ବିପର୍ଯ୍ୟୟ ପ୍ରସ୍ତୁତି ଓ ପରିଚାଳନା ନିମନ୍ତେ
# ରେଡକ୍ରସ ପ୍ରଶିକ୍ଷକଙ୍କ ପ୍ରଶିକ୍ଷଣ ଶିବିର

ଭାରତୀୟ ରେଡ୍‌କ୍ରସ ସୋସାଇଟି, ଓଡ଼ିଶା ଶାଖା ଏବଂ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ମିଳିତ ସହଯୋଗରେ ରେଡ୍‌କ୍ରସ ଭବନ ଠାରେ ତା. ୦୬.୦୮.୨୦୧୯ ରିଖ ଠାରୁ ତା.୧୦.୦୮.୨୦୧୯ରିଖ ପର୍ଯ୍ୟନ୍ତ ବିପର୍ଯ୍ୟୟ ପ୍ରସ୍ତୁତି ଏବଂ ପରିଚାଳନା ନିମନ୍ତେ ରେଡ୍‌କ୍ରସ ପରାମର୍ଶଦାତାଙ୍କ ପାଇଁ ପ୍ରଶିକ୍ଷକଙ୍କ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ରେଡ୍‌କ୍ରସର ପ୍ରଶିକ୍ଷକମାନଙ୍କୁ ବିଭିନ୍ନ ବିପର୍ଯ୍ୟୟ ସମୟରେ ମୁକାବିଲା ଓ ପ୍ରସ୍ତୁତି ସମ୍ବନ୍ଧୀୟ ତାଲିମ୍ ଦିଆଯାଇଥିଲା। ଏହି ପ୍ରଶିକ୍ଷଣ ଶିବିରରେ ଓଏସ୍‌ଡିଏମ୍‌ର ମୁଖ୍ୟ ସାଧାରଣ ପରିଚାଳକ ଡ଼ଃ. ପ୍ରଦୀପ କୁମାର ନାୟକ ଏବଂ ରେଡ୍‌କ୍ରସର ପ୍ରମୁଖ ଅଧିକାରୀମାନେ ଯୋଗ ଦେଇ ପ୍ରଶିକ୍ଷଣ ଦେଇଥିଲେ।



# ବିପର୍ଯ୍ୟୟ ପରିଚାଳନା ତାଲିମ୍ କେନ୍ଦ୍ରରେ ଅନୁଷ୍ଠିତ ତାଲିମ୍ କାର୍ଯ୍ୟକ୍ରମ

ଗତ ଅଗଷ୍ଟ ମାସରେ ରାଜସ୍ୱ ଅଧିକାରୀ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଅବସ୍ଥିତ ବିପର୍ଯ୍ୟୟ ପରିଚାଳନା କେନ୍ଦ୍ରରେ ବନ୍ୟା ସମୟରେ ଉଦ୍ଧାର କାର୍ଯ୍ୟ ଏବଂ ନୌକା ଚାଳନା ସମ୍ବନ୍ଧୀୟ ୨୦୧୯ ବର୍ଷ ପାଇଁ ଦ୍ୱିତୀୟ ପର୍ଯ୍ୟାୟ ତାଲିମ୍ କାର୍ଯ୍ୟକ୍ରମ ଆଇ.ସି.ଡି.ଆର୍. ତାଲିମ୍ ପ୍ରାପ୍ତ ୩୦ ଜଣ ଓଡ୍ରାଫ୍ କର୍ମୀଙ୍କୁ ନେଇ କରାଯାଇଥିଲା।

ତା.୨୯.୦୭.୨୦୧୯ ରିଖ ଠାରୁ ତା.୦୯.୦୮.୨୦୧୯ ରିଖ ପର୍ଯ୍ୟନ୍ତ ଭୁବନେଶ୍ୱରସ୍ଥିତ ରାଜସ୍ୱ ଅଧିକାରୀ ତାଲିମ୍ ପ୍ରତିଷ୍ଠାନ (ରୋଟି), ଗୋଠପାଟଣାଠାରେ ଥିବା ବିପର୍ଯ୍ୟୟ ପରିଚାଳନା ତାଲିମ୍ କେନ୍ଦ୍ରରେ ୧୨ ଦିନିଆ ତାଲିମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବନ୍ୟା ସମୟରେ ଉଦ୍ଧାର କୌଶଳ ଏବଂ ବିଭିନ୍ନ ମୋଟର ଚାଳିତ ନୌକା ଚାଳନା ସମ୍ବନ୍ଧୀୟ ତାଲିମ୍ ପ୍ରଦାନ କରାଯାଇଥିଲା। ଏହି ପ୍ରଶିକ୍ଷଣ ପାଠ୍ୟଖସଡା ଅନୁଯାୟୀ ମୋଟର ବିହୀନ ନୌକା, ଇନ୍‌ଫ୍ଲାଟିବୁଲ୍ ରବର ଡଙ୍ଗା ଚାଳନା ଓ ଏହାର ରକ୍ଷଣାବେକ୍ଷଣ ତଥା ବିଭିନ୍ନ ପରିସ୍ଥିତି ଯଥା- ସ୍ଥିର ଜଳ, ଚଳନଶୀଳ ଜଳ ଓ ବନ୍ୟାଜଳ ପ୍ରଭୃତିରେ ନୌକା ଚାଳନା କରାଯିବାର ଦକ୍ଷତା ସୃଷ୍ଟି ପାଇଁ ଗୁରୁତ୍ୱ ଦିଆଯାଇଥିଲା। ଅଭ୍ୟାସ ତାଲିମ୍ ନିମନ୍ତେ ଝୁମୁକା ଓ ରାମଚଣ୍ଡୀ ଠାରେ ଫିଲ୍ଡ ଟ୍ରେନିଂ ଏକ୍ସରସାଇଜ୍ କରାଯାଇଥିଲା। ଏହି ତାଲିମ୍ ଦ୍ୱାରା ବନ୍ୟା ସମୟରେ ଉଦ୍ଧାର ଏବଂ ନୌକା ଚାଳନା ପାଇଁ ନୂତନ ନିଯୁକ୍ତି ପ୍ରାପ୍ତ ସଦସ୍ୟମାନେ ସଂପୂର୍ଣ୍ଣ ପ୍ରସ୍ତୁତ ହୋଇପାରିଛନ୍ତି।

ତା. ୨୬.୦୮.୨୦୧୯ ରିଖ ଠାରୁ ୩୦.୦୮.୨୦୧୯ରିଖ ପର୍ଯ୍ୟନ୍ତ ବନ୍ୟା ସମୟରେ ଉଦ୍ଧାର କାର୍ଯ୍ୟ ଓ ନୌକା ବ୍ୟବହାର ସମ୍ବନ୍ଧୀୟ ଏକ ରିଫ୍ରେସର ତାଲିମ୍ କାର୍ଯ୍ୟକ୍ରମ ମଧ୍ୟ ରାଜସ୍ୱ ଅଧିକାରୀ ତାଲିମ୍ ପ୍ରତିଷ୍ଠାନ (ରୋଟି) ଠାରେ ଅନୁଷ୍ଠିତ ହୋଇଥିଲା। ଏହି ତାଲିମ୍ କାର୍ଯ୍ୟକ୍ରମରେ ପୂର୍ବ ତାଲିମ୍‌ପ୍ରାପ୍ତ ୩୦ ଜଣ ଓଡ୍ରାଫ୍ କର୍ମୀ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀଙ୍କ ଦକ୍ଷତା ବୃଦ୍ଧି କରିବା ପାଇଁ ଆଧୁନିକତା ଭିତ୍ତିରେ ଉପସ୍ଥିତ ବୁଦ୍ଧି ସାହାଯ୍ୟରେ ସନ୍ଧାନ ଓ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଆଦି ଅଭ୍ୟାସ ଶିକ୍ଷା ଦିଆଯାଇଥିଲା। ଉକ୍ତ ତାଲିମ୍ ସଫଳତାର ସହ ସଂପନ୍ନ ହୋଇଥିଲା।

ତା.୩୦.୦୮.୨୦୧୯ରିଖ ରେ ଭୁବନେଶ୍ୱରର ରସୁଲଗଡ ସ୍ଥିତ ଏସ୍‌ପ୍ଲାନେଡ୍ ୱାନ୍ ମଲ୍ ଠାରେ ଆତଙ୍କବାଦୀ ନିରୋଧୀ ତଥା ଅଗ୍ନିଜନିତ ଦୁର୍ଘଟଣା ଓ ଉଦ୍ଧାର କୌଶଳ ସମ୍ବନ୍ଧୀୟ ଏକ ବଡ ଧରଣର ମକ୍ ଅଭ୍ୟାସ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମ ଓଏସ୍‌ଡିଏମ୍‌ଏର ଡିଜିଏମ୍ ଶ୍ରୀ ସୁନୀଲ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ସଫଳତାର ସହ ସମାପନ ହୋଇଥିଲା। ଏହି ମକ୍ ଅଭ୍ୟାସରେ ଏନ୍‌ଡିଆର୍‌ଏଫ୍, ଓଡ୍ରାଫ୍, ଅଗ୍ନିଶମ ବାହିନୀ, ସିଭିଲ୍ ଡିଫେନ୍ସ, କାଉଣ୍ଟର ଟେରରିଷ୍ଟ ସ୍କ୍ୱାଡ ଏବଂ ବମ୍ ସ୍କ୍ୱାଡ ମାନେ ଅଂଶଗ୍ରହଣ କରିଥିଲେ। ବଡ ବଡ ବ୍ୟବସାୟ ପ୍ରତିଷ୍ଠାନରେ ଅଗ୍ନିକାଣ୍ଡଜନିତ ଦୁର୍ଘଟଣାକୁ ନିୟନ୍ତ୍ରଣ ଏବଂ ଧନ ଜୀବନହାନିକୁ ରୋକାଯିବା ପାଇଁ ଏହି ମକ୍ ଅଭ୍ୟାସ ସହାୟକ ହୋଇପାରିବ। ଅନୁରୂପ ଭାବେ କୌଣସି ଆତଙ୍କ ସୃଷ୍ଟି କରୁଥିବା ଆତଙ୍କବାଦୀମାନଙ୍କୁ କିଭଳି ଆୟତ୍ତ କରାଯିବ ଏବଂ ପ୍ରପୀଡିତ ଜନସାଧାରଣଙ୍କୁ କୌଶଳକ୍ରମେ ଉଦ୍ଧାର କରିବା ପାଇଁ ମଧ୍ୟ ଅଭ୍ୟାସ କରାଯାଇଥିଲା।







# ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀ ପରିଚାଳନା ଓ ରକ୍ଷଣାବେକ୍ଷଣ ସମିତିର ମାସିକ ବୈଠକ

ଜୁଲାଇ ମାସରେ ଗଞ୍ଜାମ ଜିଲ୍ଲା ଅଧିନସ୍ଥ ସେରଗଡ ବ୍ଲକ ଅନ୍ତର୍ଗତ ତନାହାର ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀରେ ଉକ୍ତ ଆଶ୍ରୟସ୍ଥଳୀର ପରିଚାଳନା ଓ ରକ୍ଷଣାବେକ୍ଷଣ ନିମନ୍ତେ ସମିତିର ମାସିକ ବୈଠକ ଗୋଷ୍ଠୀ ସଂଗଠକଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ବିପର୍ଯ୍ୟୟକୁ ଦୃଷ୍ଟିରେ ରଖି ଆଶ୍ରୟସ୍ଥଳୀକୁ ପ୍ରସ୍ତୁତ ରଖିବା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଆଶ୍ରୟସ୍ଥଳୀକୁ ପରିଷ୍କାର ପରିଚ୍ଛନ୍ନ ରଖିବା ସହ ସରକାରଙ୍କ ତରଫରୁ ଯୋଗାଇ ଦିଆଯାଇଥିବା ସମସ୍ତ ସାମଗ୍ରୀଗୁଡିକୁ ସୁରକ୍ଷିତ ରଖିବା ସମେତ ବ୍ୟବହାର ଉପଯୋଗୀ କରାଯାଇପାରିଲେ ଆବଶ୍ୟକ ସମୟରେ ସଠିକ୍ କାର୍ଯ୍ୟରେ ଉପଯୋଗ ହୋଇପାରିବ ବୋଲି ଗୋଷ୍ଠୀ ସଂଗଠକ ଉକ୍ତ କମିଟିର ସଦସ୍ୟମାନଙ୍କୁ ବୁଝାଇଥିଲେ। ଆଶ୍ରୟସ୍ଥଳୀର ଉପକାରିତା ସଂପର୍କରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯିବା ପାଇଁ ବୈଠକରେ ମତାମତ ପ୍ରକାଶ ପାଇଥିଲା। ପ୍ରତ୍ୟେକ ମାସର ଏକ ନିର୍ଦ୍ଦିଷ୍ଟ ଦିନରେ ସମସ୍ତେ ଉପସ୍ଥିତ ରହି ଆଶ୍ରୟସ୍ଥଳୀରେ କାର୍ଯ୍ୟ କରିବା ପାଇଁ ସହମତି ପ୍ରକାଶ କରିଥିଲେ।



# ଗ୍ରାମ୍ୟସ୍ତରରେ ବିପର୍ଯ୍ୟୟ ପରିଚାଳନା ଯୋଜନା ପ୍ରସ୍ତୁତି କର୍ମଶାଳା

ଗ୍ରାମ୍ୟ ସ୍ତରରେ ବିଭାଗୀୟ ପରିଚାଳନା ଯୋଜନା ପ୍ରସ୍ତୁତି କରିବା ପାଇଁ ପର୍ଯ୍ୟାୟ କ୍ରମେ ବଲାଙ୍ଗୀର, କୋରାପୁଟ, ବରଗଡ, ଖୋର୍ଦ୍ଧା ଓ କନ୍ଧମାଳ ଜିଲ୍ଲାରେ ଗ୍ରାମ୍ୟ ସ୍ତରୀୟ ବିଭାଗୀୟ ପରିଚାଳନା ଯୋଜନା ପ୍ରସ୍ତୁତି ଉପରେ କର୍ମଶାଳାମାନ ଆୟୋଜିତ ହୋଇଯାଇଅଛି। ଏହି କର୍ମଶାଳାଗୁଡିକରେ ଗ୍ରାମ୍ୟସ୍ତରରେ ପ୍ରାକୃତିକ ଓ ମନୁଷ୍ୟକୃତ ବିପର୍ଯ୍ୟୟର ସଠିକ୍ ମୁକାବିଲା କରିବା ପାଇଁ ପୂର୍ବପ୍ରସ୍ତୁତି, ପୁନଃନିର୍ମାଣ, ପୁନଃନିବାସ ଏବଂ ପ୍ରଶମନ ଉପରେ ସବିଶେଷ ଆଲୋଚନା କରାଯାଇଥିଲା। ବିପର୍ଯ୍ୟୟ ପରିଚାଳନା ନିମନ୍ତେ ଗ୍ରାମ୍ୟ ସ୍ତରୀୟ ଯୋଜନା ପ୍ରସ୍ତୁତି କରି ସଠିକ୍ ରୂପରେ କାର୍ଯ୍ୟକାରୀ କରିବା ନିମନ୍ତେ ଉପସ୍ଥିତ ଅଧିକାରୀମାନେ ମତାମତ ରଖିଥିଲେ। ଉକ୍ତ କର୍ମଶାଳାରେ ସଂପୃକ୍ତ ଜିଲ୍ଲାଗୁଡିକର ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ଓଏସ୍ଡିଏମ୍ଏର ମୁଖ୍ୟ ସାଧାରଣ ପରିଚାଳକ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବେସରକାରୀ ଅନୁଷ୍ଠାନଗୁଡିକର କାର୍ଯ୍ୟକର୍ତ୍ତା ଏବଂ ଓଏସ୍ଡିଏମର ରାଜ୍ୟ ପ୍ରକଳ୍ପ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ସଂପୃକ୍ତ ଜିଲ୍ଲାଗୁଡିକର ଜିଲ୍ଲା ପ୍ରକଳ୍ପ ଅଧିକାରୀମାନେ ଉକ୍ତ କାର୍ଯ୍ୟକ୍ରମଗୁଡିକୁ ପରିଚାଳନା କରିଥିଲେ।



ବଲାଙ୍ଗୀର



କୋରାପୁଟ



ବରଗଡ




ଖୋର୍ଦ୍ଧା



କନ୍ଧମାଳ

# ଶିଶୁ କୈନ୍ଦ୍ରିକ ବିପର୍ଯ୍ୟୟ ହ୍ରାସ ନିମନ୍ତେ ତାଲିମ୍ କାର୍ଯ୍ୟକ୍ରମ




ଶିଶୁକୈନ୍ଦ୍ରିକ ବିପର୍ଯ୍ୟୟ ହ୍ରାସ ନିମନ୍ତେ ଏନ୍.ଆଇ.ଡି.ଏମ୍. ସହାୟତାରେ ହୋଟେଲ ନ୍ୟୁ ମ୍ୟାରିୟନ୍ ଠାରେ ଏକ ତାଲିମ୍ କାର୍ଯ୍ୟକ୍ରମ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା। ତା.୦୭.୦୮.୨୦୧୯ରିଖ ଓ ତା.୦୮.୦୮.୨୦୧୯ରିଖ ଦୁଇ ଦିନ ଧରି ଏହି ତାଲିମ୍ କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ୪୦ ଜଣ ଅଧିକାରୀଗଣ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଓ.ଏସ୍.ଡି.ଏମ୍.ଏ ର ପରିଚାଳନା ନିର୍ଦ୍ଦେଶକ ଉଦ୍‌ଘାଟନ କରିଥିଲେ। ଉକ୍ତ ସମାରୋହରେ ଏନ୍.ଆଇ.ଡି.ଏମ୍.ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ମେଜର ଜେନେରାଲ ଏମ୍.କେ. ବିନ୍ଦଲ, ପ୍ରଫେସର ସନ୍ତୋଷ କୁମାର ଏବଂ ଓଏସ୍‌ଡିଏମଏର ମୁଖ୍ୟ ସାଧାରଣ ପରିଚାଳକ ଡ. ପ୍ରଦୀପ କୁମାର ନାୟକ ଉପସ୍ଥିତ ଥିଲେ। ବିପର୍ଯ୍ୟୟ ସମୟରେ ଶିଶୁମାନଙ୍କୁ ପରିସ୍ଥିତିର ମୁକାବିଲା କରିବା ପାଇଁ ସକାରାତ୍ମକ ଭାବନାର ସାମର୍ଥ୍ୟ ବିକାଶ, ମାନସିକ ଓ ଶାରୀରିକ ଭାବେ ଚାପମୁକ୍ତ କରିବା, ମାନସିକସ୍ତରରେ ପରିବର୍ତ୍ତନ ଆଣିବା, ମନୋରଞ୍ଜନ ତଥା ଆମୋଦପ୍ରମୋଦ କାର୍ଯ୍ୟକ୍ରମରେ ସାମିଲ କରିବା, ଶିଶୁମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ସୃଷ୍ଟି କରିବା, ଶିଶୁମାନଙ୍କର ପୋଷଣ, ପାନୀୟ ଜଳ ଓ ପରିଷ୍କାର ପରିଚ୍ଛନ୍ନତା ଉପରେ ବିଶେଷ ଗୁରୁତ୍ୱ ଦିଆଯିବା ଆବଶ୍ୟକତା ରହିଛି ଏ ସମ୍ବନ୍ଧରେ ଏନ୍.ଆଇ.ଡି.ଏମ୍. ଏବଂ ଓ.ଏସ୍.ଡି.ଏମ୍.ଏ. ପ୍ରତିନିଧି ତଥା ଅନ୍ୟାନ୍ୟ ବିଶେଷଜ୍ଞମାନେ ତାଲିମ୍ ପ୍ରଦାନ କରିଥିଲେ। ସରକାରୀ ଓ ବେସରକାରୀ ସ୍ତରରେ ବିଭିନ୍ନ ସଂଗଠନ ଓ ସଂସ୍ଥାମାନେ ମଧ୍ୟ ଶିଶୁ ଶିକ୍ଷା, ସ୍ୱାସ୍ଥ୍ୟ, ଶିଶୁ ସୁରକ୍ଷା ଦିଗରେ କାର୍ଯ୍ୟ କଲେ ଶିଶୁ କୈନ୍ଦ୍ରିକ ବିପର୍ଯ୍ୟୟ ହ୍ରାସ କରାଯାଇପାରିବ।

# ବିପତ୍ତି ହ୍ରାସ ଏବଂ ଜଳବାୟୁ ପରିବର୍ତ୍ତନକୁ ବିକାଶ ଯୋଜନାର ମୁଖ୍ୟ ସ୍ରୋତରେ ସାମିଲ ପାଇଁ କର୍ମଶାଳା

ତା.୨୨.୦୮.୨୦୧୯ରିଖ ଦିନ ଓଏସ୍‌ଡିଏମ୍‌ଏ ଏବଂ ୟୁଏନ୍‌ଡିପିର ମିଳିତ ସହଯୋଗରେ ଗଜପତି ଜିଲ୍ଲାର ପାରଳାଖେମୁଣ୍ଡିସ୍ଥିତ ଡିଆରଡିଏ ସଭାଗୃହ ଠାରେ ଏକ କର୍ମଶାଳାର ଆୟୋଜନ କରାଯାଇଥିଲା। ବିପର୍ଯ୍ୟୟ ସମ୍ବନ୍ଧୀୟ ବିପତ୍ତି ହ୍ରାସକରଣ ଓ ଜଳବାୟୁ ପରିବର୍ତ୍ତନର ଆହ୍ୱାନକୁ ବିକାଶର ମୁଖ୍ୟସ୍ରୋତରେ ସାମିଲ କରି ଯୋଜନା ପ୍ରସ୍ତୁତ କରିବା ଏହି କର୍ମଶାଳାର ଉଦ୍ଦେଶ୍ୟ ଥିଲା। ଗଜପତି ଜିଲ୍ଲାର ଜିଲ୍ଲାପାଳ ଓ ଜିଲ୍ଲା ପରିଷଦ ସଭାପତି ଉକ୍ତ କର୍ମଶାଳାର ଉଦ୍‌ଘାଟନ କରିଥଲେ। ଏହି କର୍ମଶାଳାରେ ଓଏସ୍‌ଡିଏମ୍‌ଏର ମୁଖ୍ୟ ସାଧାରଣ ପରିଚାଳକ, ଗଜପତି ଜିଲ୍ଲାର ପ୍ରକଳ୍ପ ନିର୍ଦ୍ଦେଶକ, ଡିଆର୍‌ଡିଏ, ଅତିରିକ୍ତ ଜିଲ୍ଲାପାଳ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ, ଗଜପତି ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ। ଉକ୍ତ କର୍ମଶାଳାକୁ ଶ୍ରୀଯୁକ୍ତ ମେଘନାଦ ବେହେରା, ୟୁଏନଡିପି ଏବଂ ଶ୍ରୀ ଗୌରୀଶଙ୍କର ମିଶ୍ର, ଓଏସ୍‌ଡିଏମ୍‌ଏ ପରିଚାଳନା କରିଥିଲେ।






# ବିଶ୍ୱ ବ୍ୟାଙ୍କ ଓ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଅଧିକାରୀଙ୍କ ସ୍ୱତନ୍ତ୍ର ସାହାଯ୍ୟ ଆୟୁକ୍ତ କାର୍ଯ୍ୟାଳୟ ପରିଦର୍ଶନ



ବିପର୍ଯ୍ୟୟ ପ୍ରଶମନ ପରିଚାଳନାର ପ୍ରାକ୍ଟିସ୍ ମ୍ୟାନେଜର ଶ୍ରୀଯୁକ୍ତ କ୍ରିଷ୍ଟୋପ୍ ପ୍ରୁସ୍, ବରିଷ୍ଠ ବିଶେଷଜ୍ଞ ଦୀପକ ସିଂ, ଟାସ୍କ ଟିମ୍ ଲିଡର, ଓଡିଆରପି ଅନୁପ କରାନ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଏବଂ ସ୍ୱତନ୍ତ୍ର ସାହାଯ୍ୟ ଆୟୁକ୍ତଙ୍କ କାର୍ଯ୍ୟାଳୟ ପରିଦର୍ଶନ କରିବା ସହ ବିପର୍ଯ୍ୟୟ ହ୍ରାସକରଣ ପାଇଁ ଆଗାମୀ ଯୋଜନା ଓ କାର୍ଯ୍ୟକ୍ଷେତ୍ରରେ ସମ୍ମୁଖୀନ ହେଉଥିବା ଅସୁବିଧାକୁ କିପରି ଏଡାଇ ଦିଆଯାଇପାରିବ ସେ ନେଇ ସବିଶେଷ ଆଲୋଚନା କରିଥିଲେ। ବାତ୍ୟା 'ଫନି'ର ସଫଳ ପରିଚାଳନା ପାଇଁ ପ୍ରଶଂସା କରିଥିଲେ। ଏହା ପରେ ବିଶ୍ୱବ୍ୟାଙ୍କ ଦଳ ରାଜ୍ୟ ଜରୁରୀକାଳୀନ ପରିଚାଳନା କେନ୍ଦ୍ର ପରିଦର୍ଶନ କରି ପ୍ରାକ୍ ସୂଚନା ବିତରଣ ବ୍ୟବସ୍ଥା ସମ୍ବନ୍ଧରେ ତଥ୍ୟ ସଂଗ୍ରହ କରିବା ସହ ଅଭିଜ୍ଞ ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ।

## ବ୍ୟାଙ୍କକ୍ରେ ଶୁଣାଗଲା ଓଡ଼ିଶା ବିପର୍ଯ୍ୟୟ ମୁକାବିଲାର ସଫଳ କାହାଣୀ

ଜାତିସଂଘ ଦ୍ୱାରା ଏସିଆ ଓ ପ୍ରଶାନ୍ତ ମହାସାଗରୀୟ ଦେଶଗୁଡ଼ିକରେ କିଭଳି ମିଳିତ ଭାବେ ବିପର୍ଯ୍ୟୟର ମୁକାବିଲା କରାଯାଇ ପାରିବ, ସେଥିପାଇଁ ବିପର୍ଯ୍ୟୟ ପ୍ରତିରୋଧ ସପ୍ତାହ ଆୟୋଜନ କରାଯାଇଥିଲା। ପୂର୍ବରୁ ଅନେକ ବିପର୍ଯ୍ୟୟକୁ ସଫଳତାର ସହ ମୁକାବିଲା ଓ ପରିଚାଳନା କରି ଦେଶବିଦେଶରୁ ପ୍ରଶଂସା ସାଉଁଟି ଥିବା ଓଡ଼ିଶା ଏବେ ଜାତିସଂଘ ପକ୍ଷରୁ ଥାଇଲ୍ୟାଣ୍ଡର ରାଜଧାନୀ ବ୍ୟାଙ୍କକ୍ରେ ଆୟୋଜିତ ବିପର୍ଯ୍ୟୟ ପ୍ରତିରୋଧ ସପ୍ତାହରେ ନିଜର ସଫଳତାର କାହାଣୀ ଉପରେ ଆଲୋକପାତ କରିବା ପାଇଁ ସ୍ୱତନ୍ତ୍ର ସାହାଯ୍ୟ ଆୟୁକ୍ତଙ୍କୁ ତା.୨୬.୦୮.୨୦୧୯ରିଖରେ ସୁଯୋଗ ମିଳିଥିଲା। ଉକ୍ତ କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ରିଲିଫ କମିଶନର ସଫଳ ମୁକାବିଲା ନିମନ୍ତେ ବାତ୍ୟା ପୂର୍ବ ପ୍ରସ୍ତୁତି, ସଚେତନତା, ବିପର୍ଯ୍ୟୟ ପ୍ରତିରୋଧକ ଆଶ୍ରୟସ୍ଥଳୀ, ସ୍ଥାନାନ୍ତିକରଣ, ସଠିକ୍ ପ୍ରାକ୍ ସୂଚନା, ଆଇଏମ୍‌ଡିର ରିପୋର୍ଟ, ମୋବାଇଲ୍ ମେସେଜ୍, ଗଣମାଧ୍ୟମର ଭୂମିକା, ହାମ୍ ରେଡ଼ିଓ, ବିଭିନ୍ନ ବିଭାଗ ସହିତ ସଂଯୋଜନା, ଜାତୀୟ ଓ ଆନ୍ତର୍ଜାତୀୟ ସାମାଜିକ ସଂଗଠନ ସହିତ ସମନ୍ୱୟ, ବିଭିନ୍ନ ବର୍ଗର ଲୋକ ଯଥା- ବୃଦ୍ଧ, ଭିନ୍ନକ୍ଷମ ଓ ଶିଶୁଙ୍କ ପ୍ରତି ବିଶେଷ ଧ୍ୟାନ ଦେବା, ବାତ୍ୟା ପୂର୍ବରୁ ବିଭିନ୍ନ ସ୍ଥାନରେ ରିଲିଫ୍ ସାମଗ୍ରୀ ମହଜୁଦ ରଖିବା ଇତ୍ୟାଦି ଉପରେ ଆଲୋକପାତ କରିଥିଲେ। ଏତଦ୍‌ବ୍ୟତୀତ ସରକାରଙ୍କ ତ୍ୱରିତ କାର୍ଯ୍ୟାନୁଷ୍ଠାନ, ପୋଲିସ, ଓଡ୍ରାଫ୍ ବାହିନୀ, ଏନ୍‌ଡିଆରଏଫ୍ ଓ ଅଗ୍ନିଶମ ବାହିନୀ ମୁତୟନ ସହ ଉପଯୁକ୍ତ ସମନ୍ୱୟ ରଖାଯାଇ ସାମୁଦ୍ରିକ ଝଡ଼ 'ଫନି'କୁ ସଫଳ ମୁକାବିଲା କରାଯାଇପାରିଥିଲା ବୋଲି ଏସ୍‌ଆରସି ମତ ରଖିଥିଲେ। ବାତ୍ୟା 'ଫନି' ପରେ ପ୍ରାଥମିକତା ଭାବେ ପଥ ପରିଷ୍କାର ଉପରେ ଗୁରୁତ୍ୱ ଦିଆଯାଇଥିଲା ଏବଂ ତ୍ୱରିତ ପୁନଃରୁଦ୍ଧାର କାର୍ଯ୍ୟ ନିମନ୍ତେ ଏସ୍‌ଡିଆରଏଫ୍, ଏନଡିଆରଏଫ୍ ବାହିନୀ ସହଯୋଗ କରିଥିଲେ। ବିଦ୍ୟୁତ ସଂଯୋଗ, ଜଳ ଯୋଗାଣ, ରିଲିଫ୍ ବଣ୍ଟନ ଏବଂ ଟେଲିଫୋନ ବ୍ୟବସ୍ଥା ଆଦିକୁ ଗୁରୁତ୍ୱ ଦିଆଯାଇ ତ୍ୱରିତ କାର୍ଯ୍ୟାନୁଷ୍ଠାନ ସରକାର ଗ୍ରହଣ କରିଥିଲେ।








# ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କୁ ସମ୍ମାନିତ କରାଗଲା 'ଟେକ୍ନୋଲୋଜି ସଭା' ସମ୍ମାନ



ଗତା ତା ୦୮.୦୮.୨୦୧୯ ରିଖ ଠାରୁ ୧୦.୦୮.୨୦୧୯ରିଖ ପର୍ଯ୍ୟନ୍ତ ଜୟପୁର ଠାରେ ଇଣ୍ଡିଆନ ଏକ୍ସପ୍ରେସ ଗ୍ରୁପ୍ ଦ୍ୱାରା ଆୟୋଜିତ 'ଟେକ୍ନୋଲୋଜି ସଭା' ସମ୍ମାନ ସମାରୋହରେ ପ୍ରାକ୍ ସୂଚନା ବିତରଣ ବ୍ୟବସ୍ଥାର ସଫଳ କାର୍ଯ୍ୟକାରିତା ପାଇଁ "ଏକୀକୃତ ଯୋଗାଯୋଗ ସଂଚାର" ବର୍ଗରେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କୁ 'ଟେକ୍ନୋଲୋଜି ସଭା' ସମ୍ମାନରେ ସମ୍ମାନିତ କରାଯାଇଅଛି। ଉକ୍ତ ପ୍ରାକ୍ ସୂଚନା ବିତରଣ ବ୍ୟବସ୍ଥା (ଇ.ଡବ୍ଲୁ.ଡି.ଏସ୍.) ଭାରତରେ ପ୍ରଥମେ ଓଡ଼ିଶା ରାଜ୍ୟର ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ ସ୍ଥାପନ କରାଯାଇଥିବା ଯୋଗୁଁ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବିପଦସଙ୍କୁଳିତ ଜନସାଧାରଣଙ୍କୁ ପ୍ରାକ୍ ସତର୍କ ସୂଚନା ଦିଆଯାଇପାରୁଛି।



# ବନ୍ୟା
## ସତର୍କତା ଓ ସାବଧାନତା

OSDMA

- ବନ୍ୟା ପ୍ରବଣ ଅଞ୍ଚଳରେ ବସବାସ କରୁଥିଲେ ବନ୍ୟାପାଣି ଉଠି ଆସୁଥିବା ଉଚ୍ଚତାରୁ ଉର୍ଦ୍ଧ୍ୱରେ ଘର ନିର୍ମାଣ କରନ୍ତୁ ଓ କାନ୍ଥ ନିର୍ମାଣ ନିମନ୍ତେ ମାଟି ବଦଳରେ ସିମେଣ୍ଟ ଓ ଇଟାର ବ୍ୟବହାର କରନ୍ତୁ।
- ବନ୍ୟା ପୂର୍ବରୁ ନିକଟବର୍ତ୍ତୀ ଆଶ୍ରୟସ୍ଥଳ ଓ ନିରାପଦ ସ୍ଥାନକୁ ଚିହ୍ନଟ କରନ୍ତୁ ଏବଂ ପରିବାରର ସମସ୍ତଙ୍କୁ ଏ ବିଷୟରେ ଅବଗତ କରାନ୍ତୁ।
- ଦୂରଦର୍ଶନ, ରେଡିଓ ଓ ଅନ୍ୟାନ୍ୟ ଗଣମାଧ୍ୟମରେ ଦିଆଯାଉଥିବା ସତର୍କ ସୂଚନା ପ୍ରତି ସର୍ବଦା ଧ୍ୟାନ ଦିଅନ୍ତୁ। ସ୍ଥାନୀୟ ପ୍ରଶାସନ ତଥା ପଞ୍ଚାୟତ ପ୍ରତିନିଧିଙ୍କ ସହ ଯୋଗାଯୋଗ ରଖନ୍ତୁ।
- ପରିବାର ସ୍ତରୀୟ ଜରୁରୀ କିଟ୍ ପ୍ରସ୍ତୁତ କରନ୍ତୁ ଓ ସେଥିରେ ମୂଲ୍ୟବାନ ଜିନିଷ, ଜମିବାଡି କାଗଜପତ୍ର, ଭୋଟର କାର୍ଡ, ଆଧାର କାର୍ଡ, ପାସ୍‌ବୁକ୍, ସାର୍ଟିଫିକେଟ୍ ଓ ଦରକାରୀ କାଗଜପତ୍ର ଇତ୍ୟାଦି ଜରିରେ ଗୁଡାଇ ରଖନ୍ତୁ, ୩ ଦିନ ପାଇଁ ଆବଶ୍ୟକ ମୁତାବକ ଶୁଖିଲା ଖାଦ୍ୟ ଯଥା ଚୁଡା, ମୁଢି, ଗୁଡ, ଛତୁଆ, ବିସ୍କୁଟ ଇତ୍ୟାଦି, ପିଇବା ପାଣି, ଔଷଧ, ଲୁଗାପଟା, ଟ୍ରାନଜିଷ୍ଟର ରେଡିଓ, ଟର୍ଚ୍ଚଲାଇଟ୍, ଅତିରିକ୍ତ ବ୍ୟାଟେରୀ, ମହମବତୀ, ଦିଆସିଲି ଇତ୍ୟାଦି ସାଇତି ରଖନ୍ତୁ।
- ବନ୍ୟା ଆସିଲେ ବା ପୂର୍ବସୂଚନା ପାଇଲେ ଯଥା ଶୀଘ୍ର ଆଶ୍ରୟସ୍ଥଳ, ନିରାପଦ ପକ୍କା ସ୍କୁଲଘର ବା ଉଚ୍ଚ ସ୍ଥାନକୁ ଚାଲି ଯାଆନ୍ତୁ। ନିଜ ଜରୁରୀ କିଟ୍‌କୁ ମଧ୍ୟ ନିଜ ସହିତ ନେଇ ଯାଆନ୍ତୁ ଓ ସର୍ବଦା ନିଜ ପାଖରେ ରଖନ୍ତୁ।
- ଦୂର ସ୍ଥାନକୁ ଯିବାକୁ ଥିଲେ ଘରକୁ ତାଲା ଦେଇ ଘରର ଇଲେକ୍ଟ୍ରିକ୍ ମେନ୍ ସୁଇଚ୍, ଗ୍ୟାସ ରେଗୁଲେଟର ଓ ପାଣି ପାଇପ୍ ବନ୍ଦ କରି ଦିଅନ୍ତୁ।
- ଶିଶୁ, ମହିଳା, ବୃଦ୍ଧ, ବୃଦ୍ଧା, ଭିନ୍ନକ୍ଷମ, ଗର୍ଭବତୀ ମହିଳା ଓ ରୋଗୀମାନଙ୍କର ବିଶେଷ ଯତ୍ନ ନିଅନ୍ତୁ।
- ଗାଈ ଗୋରୁଙ୍କର ମଧ୍ୟ ଯତ୍ନ ନିଅନ୍ତୁ।
- ବନ୍ୟା ସମୟରେ ସିଝା ପାଣି ପିଅନ୍ତୁ। ଜଳ ବିଶୋଧନ ପାଇଁ କ୍ଲୋରିନ୍ ବଟିକା ବ୍ୟବହାର କରନ୍ତୁ।
- ଖାଦ୍ୟ ପଦାର୍ଥକୁ ଭଲଭାବେ ଘୋଡାଇ ରଖନ୍ତୁ। ବନ୍ୟା ପାଣିରେ ଓଦା ହୋଇଥିବା ଖାଦ୍ୟ ଖାଆନ୍ତୁ ନାହିଁ।
- ଗଭୀର ପାଣି ଭିତରକୁ ଯାଆନ୍ତୁ ନାହିଁ। ହାତରେ ବାଡି ଧରି ପାଣିର ଗଭୀରତା ଜାଣନ୍ତୁ। ପାଣିରେ ସୁଅ ଥିଲେ, ତା ମଧ୍ୟକୁ ପ୍ରବେଶ କରନ୍ତୁ ନାହିଁ।
- ବନ୍ୟା ଜଳରେ ପିଲାଙ୍କୁ ଖେଳିବାକୁ ଛାଡନ୍ତୁ ନାହିଁ। ସାପ କାମୁଡା ପ୍ରତି ସାବଧାନ ରୁହନ୍ତୁ।
- ଡଙ୍ଗାରେ ଯିବାବେଳେ ନିର୍ଦ୍ଧାରିତ କ୍ଷମତା ଠାରୁ ଅଧିକ ଲୋକ ବା ଜିନିଷପତ୍ର ନିଅନ୍ତୁ ନାହିଁ। ଲାଇଫ୍ ଜ୍ୟାକେଟ୍ ପରିଧାନ କରିବା ଭୁଲନ୍ତୁ ନାହିଁ।
- ଆପଣ ଆଶ୍ରୟ ନେଇଥିବା ସ୍ଥାନ ବା ପ୍ରଭାବିତ ଗ୍ରାମର ପରିମଳ ଉପରେ ବିଶେଷ ଧ୍ୟାନ ଦିଅନ୍ତୁ।
- ରିଲିଫ୍ ବାଣ୍ଟୁ ଥିବା ସ୍ୱେଚ୍ଛାସେବୀ ବା ସରକାରୀ କର୍ମଚାରୀଙ୍କୁ ସମସ୍ତ ପ୍ରକାର ସହଯୋଗ କରନ୍ତୁ।

**ସାବଧାନତା ହିଁ ସୁରକ୍ଷା !**

OSDMA
ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ
ରାଜୀବ ଭବନ, ଭୁବନେଶ୍ୱର, ଫୋନ-୦୬୭୪-୨୩୯୫୩୯୮, ୨୩୯୫୫୩୧

Book Post

Stamp

OSDMA

Odisha State Disaster Management Authority, Govt.of Odisha
Rajiv Bhawan, Unit-5, Bhubaneswar-751001, Phone: 0674-2395398, 2395531,
Fax: 0674-2391871, Email: osdma@osdma.org, Website: www.osdma.org

Email : newsletter@osdma.org

ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ଓଡ଼ିଶା ସରକାର
ରାଜୀବ ଭବନ, ୟୁନିଟ୍-୫, ଭୁବନେଶ୍ୱର-୭୫୧୦୦୧
ଫୋନ୍: ୦୬୭୪-୨୩୯୫୩୯୮, ୨୩୯୫୫୩୧, ଫ୍ୟାକ୍ସ: ୦୬୭୪-୨୩୯୧୮୭୧
ଇମେଲ୍ : osdma@osdma.org, ୱେବସାଇଟ୍ : www.osdma.org

Govt.of Odisha